**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**15th April - 2024**

**News Editor : *Tapan Kumar Moharana***

**********************************

***BBSR/R***

# କଂଗ୍ରେସ ବିଧାନସଭା ପ୍ରାର୍ଥୀ ତାଲିକା

ଅଖିଳ ଭାରତୀୟ କଂଗ୍ରେସ କମିଟି - ଏ.ଆଇ.ସି.ସି. ପକ୍ଷରୁ ଓଡ଼ିଶା ବିଧାନସଭା ନିର୍ବାଚନପାଇଁ ଗତକାଲି ୭୫ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଭଣ୍ଡାରୀପୋଖରୀ ଓ ଜୟଦେବ ଜେନା ଆନନ୍ଦପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ପ୍ରଥମ ଥରପାଇଁ ବେଗୁନିଆ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି । ତେବେ ତଳସାରା, ବାଲିଗୁଡ଼ା ଏବଂ କବିସୂର୍ଯ୍ୟନଗରରେ ପ୍ରାର୍ଥୀଙ୍କୁ ବଦଳା ଯାଇଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ ତିନି ପ୍ରମୁଖ ଦଳ ଭାରତୀୟ ଜନତା ପାର୍ଟି ୩୫ଟି ବିଧାନସଭା ଆସନରେ ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ବିଜୁ ଜନତା ଦଳ ୩୦ଟି ଏବଂ କଂଗ୍ରେସ ୨୬ଟି ଆସନରେ ପ୍ରାର୍ଥୀ ଘୋଷଣା କରି ନାହାନ୍ତି ।

*Desk*

# ଆୟକର ରିଟର୍ଣ୍ଣ

ଯେଉଁ ବ୍ୟକ୍ତି ଏବଂ ସଂସ୍ଥା ଆୟକର ରିଟର୍ଣ୍ଣ ଫାଇଲ୍ କରିବା ପାଇଁ ଯୋଗ୍ୟ; ମାତ୍ର ରିଟର୍ଣ୍ଣ ଫାଇଲ୍ କରୁନାହାନ୍ତି, ସେମାନଙ୍କୁ ରିଟର୍ଣ୍ଣ ଫାଇଲ୍ କରିବା ପାଇଁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ - ସି.ବି.ଡି.ଟି. ପକ୍ଷରୁ ପଦକ୍ଷେପ ନିଆଯାଉଛି। ଆୟକର ବିଭାଗର ସୂଚନା ଅନୁସାରେ, ଦେଶର ୧ କୋଟି ୫୨ ଲକ୍ଷ ଲୋକଙ୍କୁ ଚିହ୍ନଟ କରାଯାଇଛି। ସେମାନେ ଯେପରି ଆୟକର ରିଟର୍ଣ୍ଣ ଦାଖଲ କରିବେ, ସେଥିନିମନ୍ତେ ସି.ବି.ଡି.ଟି. ପକ୍ଷରୁ ଆଜି ସୁଦ୍ଧା ଯୋଗାଯୋଗ କରିବା ପାଇଁ ଚେଷ୍ଟା ଚାଲିଛି। ସୂଚନାଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ ୮ କୋଟି ୯୦ ଲକ୍ଷ ଟିକସଦାତାଙ୍କ ମଧ୍ୟରୁ ୭ କୋଟି ୪୦ ଲକ୍ଷ ଟିକସଦାତା ରିଟର୍ଣ୍ଣ ଫାଇଲ୍ କରିଥିଲେ। ଟିଡିଏସ୍ କଟୁଥିଲେ ମଧ୍ୟ ୧ କୋଟି ୯୭ ଲକ୍ଷ ଲୋକ ଆୟକର ରିଟ୍ର୍ଣ୍ଣ ଫାଇଲ୍ କରୁ ନ ଥିବା ଜଣାପଡିଛି।

*Desk*

# ଏନ୍.ସି.ଇ.ଟି. ପ୍ରବେଶିକା ପରୀକ୍ଷା

ଜାତୀୟ ଏକକ ପ୍ରବେଶିକା ପରୀକ୍ଷା - ଏନ୍.ସି.ଇ.ଟି. ୨୦୨୪ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଚଳିତ ଶିକ୍ଷାବର୍ଷରେ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଟିଚର୍ସ ଏଜୁକେସନ ପ୍ରୋଗ୍ରାମ୍‌ରେ ନାମ ଲେଖାଇବାପାଇଁ

ପ୍ରବେଶିକା ପରୀକ୍ଷା ହେବ । ଛାତ୍ରଛାତ୍ରୀମାନେ www.nta.ac.in ୱେବ୍‌ସାଇଟ୍ ଜରିଆରେ ଚଳିତ ମାସ ଶେଷ ସୁଦ୍ଧା ଆବେଦନ କରିପାରିବେ ବୋଲି ଜାତୀୟ ଟେଷ୍ଟିଂ ଏଜେନ୍ସି କହିଛି ।

***Desk***

## ଶ୍ରୀଲିଙ୍ଗରାଜ - ରୁକୁଣା ରଥ ନିର୍ମାଣ

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରାପାଇଁ ରଥ ନିର୍ମାଣ କାର୍ଯ୍ୟ ଗତକାଲି ଶେଷ ହୋଇଛି । ଅନ୍ୟାନ୍ୟ କାର୍ଯ୍ୟ ଶେଷ କରାଯାଇ ଆଜି ରଥ ଉପରେ ସିଂହାସନ ଉଠାଯିବ ବୋଲି ରଥ ତିଆରି କରୁଥିବା ମହାରଣାମାନେ କହିଛନ୍ତି । ଆଜି ରାତି ୯ଟା ସୁଦ୍ଧା ନିଯୋଗ ସେବାୟତମାନେ ପ୍ରତିଷ୍ଠା ସମ୍ପାଦନ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି ।

***Desk***

## ଟ୍ରେନ୍ ବାତିଲ୍

ସମ୍ବଲପୁର ରେଳମଣ୍ଡଳ ଅଧୀନରେ ବିଭିନ୍ନ ସ୍ଥାନରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚାଲୁ ରହିଥିବାରୁ କେତେକ ରୁଟ୍‌ରେ ରେଳ ଚଳାଚଳକୁ ବାତିଲ କରାଯାଇଛି। ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୮ଟି ଟ୍ରେନ୍‌ର ଚଳାଚଳକୁ ବିଭିନ୍ନ ଦିନରେ ବାତିଲ କରାଯାଇଛି। ରାୟପୁର-ବିଶାଖାପାଟଣା-ରାୟପୁର ପାସେଞ୍ଜର ଟ୍ରେନ୍, ବିଶାଖାପାଟଣା-

ଭବାନୀପାଟଣା ପାସେଞ୍ଜର ଟ୍ରେନ୍, ସମ୍ବଲପୁର-ଜୁନାଗଡ଼ ରୋଡ ପାସେଞ୍ଜର ଟ୍ରେନ୍, ରାୟପୁର-ଜୁନାଗଡ଼ ରୋଡ ପାସେଞ୍ଜର ଟ୍ରେନ୍ ଏବଂ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଏକ୍ସପ୍ରେସ୍‌କୁ ଆଜିଠାରୁ ୨୪ ତାରିଖ ଯାଏ ବାତିଲ କରାଯାଇଛି। ସେହିପରି ଭବାନୀପାଟଣା-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍, ଜୁନାଗଡ଼ ରୋଡ-ସମ୍ବଲପୁର ପାସେଞ୍ଜର ଟ୍ରେନ୍ ଏବଂ ଜୁନାଗଡ଼ ରୋଡ-ରାୟପୁର ପାସେଞ୍ଜର ଟ୍ରେନ୍‌କୁ ଆସନ୍ତାକାଲିଠାରୁ ୨୫ ତାରିଖ ଯାଏଁ ବାତିଲ କରାଯିବା ନେଇ ସମ୍ବଲପୁର ରେଳମଣ୍ଡଳ ସୂଚନା ଦେଇଛି।

***Desk***

# ଅମରନାଥ ଯାତ୍ରା

ବାର୍ଷିକ ଅମରନାଥ ଯାତ୍ରା ଆସନ୍ତା ଜୁନ ମାସ ୨୯ ତାରିଖରୁ ଆରମ୍ଭ ହେବ ବୋଲି ଅମରନାଥ ଶ୍ରାଇନ ବୋର୍ଡ ପକ୍ଷରୁ କୁହାଯାଇଛି। ଏଥିପାଇଁ ଆଜିଠାରୁ ଶ୍ରଦ୍ଧାଳୁମାନେ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିପାରିବେ। ଅମରନାଥ ଶ୍ରାଇନ୍ ବୋର୍ଡର ସୂଚନା ଅନୁସାରେ, ୫୦ ଦିନ ଧରି ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରା ଆସନ୍ତା ଅଗଷ୍ଟ ୧୯ରେ ଶେଷ ହେବ।

*Desk*

# ପାଣିପାଗ

ରାଜ୍ୟକୁ ଉତ୍ତର, ଉତ୍ତର-ପଶ୍ଚିମ ଏବଂ ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହ ଧୀରେ ଧୀରେ ବଢୁଥିବାରୁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଆସନ୍ତା କିଛିଦିନ ମଧ୍ୟରେ ତାପମାତ୍ରା ୪ରୁ ୬ ଡିଗ୍ରୀ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ସୂଚନା ଅନୁସାରେ, ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଜାରି ରହିବ । ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକରେ ଆଜି ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ୍ ହେବାର ଅନୁମାନ କରାଯାଇଛି । କଟକ, ଢେଙ୍କାନାଳ, ନୟାଗଡ଼, ଭଦ୍ରକ ଓ ଯାଜପୁରରେ ଆଜି ଅଧିକ ଗ୍ରୀଷ୍ମପ୍ରବାହ ହେବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ, ନୟାଗଡ଼, କଟକ ଓ ବାରିପଦା ସମେତ ଦେଶର ୧୭ଟି ସହରରେ ଗତକାଲି ବାୟୁ ପ୍ରଦୂଷଣ ଅଧିକ ଥିଲା ବୋଲି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ କୁହାଯାଇଛି । ଏହାସହିତ ଭୁବନେଶ୍ୱର, ରାଉରକେଲା, ତାଳଚେର, କେନ୍ଦୁଝର, ବାଲେଶ୍ୱର ଓ ଅନୁଗୁଳ ସହରରେ ମଧ୍ୟ ବାୟୁ ପ୍ରଦୂଷଣର ମାତ୍ରା ମଧ୍ୟମ ଧରଣର ଥିଲା । ବାୟୁମଣ୍ଡଳରେ ଛୋଟ ଧୂଳିକଣାର ମାତ୍ରା ଅଧିକ ଥିବାଯୋଗୁଁ ଅସ୍ୱସ୍ତିକର ପରିବେଶ ସୃଷ୍ଟି ହେଉଛି ।

*Desk*

# ସମ୍ବାଦ ପ୍ରସାରଣ ସମୟ ପରିବର୍ତ୍ତନ

ଆଗାମୀ ସାଧାରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଆକାଶବାଣୀ ଜରିଆରେ ସେମାନଙ୍କର ଦଳର ଆଭିମୁଖ୍ୟ ସମ୍ବନ୍ଧରେ ପ୍ରସାରଣ କରାଯାଉଛି। ସେଥିପାଇଁ ଆଜି ଓ ଆସନ୍ତାକାଲି ମଧ୍ୟାହ୍ନ ଆଞ୍ଚଳିକ ସମ୍ବାଦ ପ୍ରସାରଣ ସମୟରେ ପରିବର୍ତ୍ତନ କରାଯାଇଛି। ଦିନ ୨ଟା ୩୨ ମିନିଟ୍‌ରେ ପ୍ରସାରିତ ହେଉଥିବା ଆଞ୍ଚଳିକ ସମ୍ବାଦ ଅପରାହ୍ଣ ୪ଟାରେ ପ୍ରସାରଣ କରାଯିବ।

*****